ଅମ୍ବା ଚରିତ
ୟେତେକ ବୋଲିଣ ସେ ଆସଇ ସୁନ୍ଦରୀ
ପ୍ରଶୁରାମଙ୍କ ଆଗେ କାନ୍ଦି କଲାକ ଗୁହାରୀ । ୧ ।
ଗଙ୍ଗାକୂଳେ ବସିଣ ଯେ କାନ୍ଦି ଯୁବତୀ
ପ୍ରଶୁରାମେ ପଚାରିଲେ ଆୟିତୁ ଅଇଲୁ କାହାର କତି । ୨ ।
ୟେ ତୋହୋର ରୂପ ଗୁଣ ଦେବେ ଅଗୋଚର
ତୋତେ ଉପେକ୍ଷା କଲା ଗୋ କେବଣ ପାମର । ୩ ।
ଅମ୍ବା କନ୍ୟା ବୋଇଲା ଗୋସାଇଂ ମୁହିଂ ବଡ ଦୁଖୀ
ମୁହିଂ ଯେ ଶରଣ ମାଗଇ ମହତ ଜନ ଦେଖି । ୪ ।
ପ୍ରଶୁରାମ ବୋଇଲେ ଗୋ ଯେ ତୋହୋର ଇଛା
ସତ୍ୟ କଲୁ ଆମ୍ଭେ ତୋର ପୂରୋଇବୁ ମନବାଞ୍ଛା । ୫ ।
ୟେ ଆମ୍ଭର ସତ୍ୟ ସତ୍ୟ ତ୍ରିବାରହିଂ ସତ୍ୟି
ୟେହିକ୍ଷଣି ଦେବୁଁ ବର ମାଗ ରେ ଯୁବତୀ । ୬ ।
ଅମ୍ବା କନ୍ୟା ବୋଇଲା ମୋତେ ଦେବ ପ୍ରସନ୍ନ ହୋଇବା
ଆନେ କାର୍ଯ୍ୟ ନାହିଂ ମୋତେ ସ୍ୱାମୀ ଦାନ ଦେବା । ୭ ।
ମାଗରେ ସୁନ୍ଦରୀ ଯାହାକୁ ତୋର ଇଛା
ତିନି ଲୋକରେ ଦେବୁଂ ଯାହାକୁ କରୁ ବାଞ୍ଛା । ୮ ।
ଅମ୍ବା କନ୍ୟା ଯେ ବୋଇଲା ତୁମ୍ଭେ ଶୁଣସି ମହାଯତି
ବରିଣ ପ୍ରଦାନ ମୋତେ ନୋହିଲା ଭୀଷ୍ମ ମହାରଥୀ । ୯ ।
ମୁହିଂ ଯେ ଅମ୍ବା କନ୍ୟା ପଦ୍ମନାଭର କୁମାରୀ
ମୁଂ ତାହାକଇଂ ଦାନ ମାଗଇ ମୋତେ ଦେବା ତପଚାରୀ । ୧୦ ।
ପ୍ରଶୁରାମ ବୋଇଲେ ନୀଳରାମ ରଘୁରାମଙ୍କୁ ରାଇ
ଭୀଷ୍ମକୁ ସମର୍ପଣ କରିଆସ ୟେହାକଇ ତୁମ୍ଭେ ନେଇ । ୧୧ ।
ସ୍ୱାମୀର ଆଗ୍ୟାଂ ସେ କରି ନିବେଶିତ ଶିର
କନ୍ୟା ଘେନିଗଲେ ନୀଳରାମ ରଘୁରାମ ବାରୁଣାବନ୍ତପୁର । ୧୨ ।
ଆହୋ ଭୀଷ୍ମେ ତୋତେ ପ୍ରଶୁରାମଙ୍କର ଆଗ୍ୟାଂ ହୋଇଲାକ ବାବୁ
ଅମ୍ବେ କନ୍ୟାକୁ ତୁ ପ୍ରଦାନ ହୋଇବୁ । ୧୩ ।
ଭୀଷ୍ମେ ବୋଇଲେ ରଘୁରାମଙ୍କ ମୁଖ ଚାହିଁ
ତୁମ୍ଭର ଡରାଣେ କି ବିଭା ହୋଇବଇ ମୁହିଂ । ୧୪ ।

---------

୨ ।୧ ଗଙ୍ଗାକୂଳେ ଯାଇଂ କାନ୍ଦଇ ସୁନ୍ଦରୀ
୨ ।୨ ପ୍ରଶୁରାମେ ବୋଇଲେ ଆରେ କାହାର ତୁ ନାରୀ ।

ମୋହୋର ଭୟ କି ତୁମ୍ଭର ପ୍ରଶୁରାମଙ୍କୁ
କିପାଇଂ ପ୍ରଦାନ ହୋଇବି ମୁଂ ଅମ୍ବା କନ୍ୟାକୁ । ୧୫ ।
ନୀଳରାମ ବୋଇଲେ ପ୍ରଶୁରାମଙ୍କ ଆଗ୍ୟାଂ ମେଣ୍ଟୁ
ଅବଶ୍ୟ ତୋହୋର ଶିରଛେଦ ହୋଇବ କଣ୍ଠତଟୁ । ୧୬ ।
ପ୍ରଶୁରାମ ଆଗେ କହିବି ମୁଂ ଯାଇଂ
ନିଚୟେ ମରିବୁ ରେ ଦୁଷ୍ଟ ମତି ପାଇଂ । ୧୭ ।
କୋପରେ ଭୀଷ୍ମ ବୋଇଲେ ନୀଳରାମକଇ
ପ୍ରଶୁରାମ ଆଗେ ତୋର କହୁ କିନା ଯାଇ । ୧୮ ।
ନୀଳରାମ ରଘୁରାମ ଯେ ଗଲେକ ବାହୁଡି
ଅମ୍ବା କନ୍ୟାହିଂ ପଛେ ଗୋଡାଇଛି କାନ୍ଦିକରି । ୧୯ ।
ପ୍ରଶୁରାମେ ବିଜେ କରି ଅଛନ୍ତି ତ୍ରିପୁରା ପର୍ବତେ
ରଘୁରାମ ନୀଳରାମ ପ୍ରବେଶ ହୋଇଲେ ବେନି ଭ୍ରାତେ । ୨୦ ।

ପ୍ରଣପତ୍ୟ ହୋଇଣ ନୀଳରାମ ଯେ ବୋଇଲା
ସ୍ୱାମୀ ଭୀଷ୍ମ ଆମ୍ଭଙ୍କୁ ଯେ ଅନେକ କୋପ କଲା । ୨୧ ।
ବୋଇଲା ଆସୁକି ନା ବାବୁ ତୋହୋର ପ୍ରଶୁରାମ
କେତେମାନେ ପାରୁ ସେହୁ ଆସି କରୁ ଯେ ସାଂଗ୍ରାମ । ୨୨ ।
ଅମ୍ବା କନ୍ୟା କାନ୍ଦଇ ଯେ ବଡଇ ବଇକୁଳେ
ପ୍ରଶୁରାମ ମହାକୋପ କଲେ ଆଗ୍ୟାଂ ଯେ ମେଣ୍ଟିଲେ । ୨୩ ।
ଧାମଇଂ କୋପେଣ ଯେ ପ୍ରଶୁଧର ନାଥ
ପଛେଣ ଗୋଡାବନ୍ତି ନୀଳ ରଘୁ ହଳୀରାମ ତିନିଭ୍ରାଥ । ୨୪ ।
ମାନିନୀ ଅବସ୍ଥା ଯେ ହୋଇଣ ଅମ୍ବା ଯୁବତୀ
ସେହି ଗୋଡାଇ ଅଛି ତାହାଙ୍କର ପଛକତି । ୨୫ ।
କାଳାନଳ ମୂର୍ତ୍ତି ହୋଇ ମହାବୀର ପ୍ରଶୁରାମ
ରାଗେ ପ୍ରବେଶ ହୋଇଲେ ଯାଇଂ ଭୀଷ୍ମଙ୍କର ଆସ୍ଥାନ । ୨୬ ।
ପ୍ରଶୁରାମଙ୍କର କୋପ ଦେଖିଣ ଯେ ଭୀଷ୍ମମହାରଥୀ
ରାଗେଣ ନ ଗଲେ ସେ ପ୍ରଶୁରାମଙ୍କର କତି । ୨୭ ।
----------
୧୬ ।୨  ନିଚୟେ ଶିରଛେଦ ହୋଇବ ତୁ ବଡ ଦୁଷ୍ଟ ଅଟୁ ।
୧୬ ।୧  କାଳାନଳ ରୂପ ହୋଇଣ କୋପେ ପ୍ରଶୁରାମ ।

କୋପେଣ ପ୍ରଶୁରାମ ଯେ ବୋଲନ୍ତି ଉତ୍ତର
ଆରେ ମୋହୋର ଆଗ୍ୟାଂ ଭ୍ରଷ୍ଟ କଲୁ କେବଣ ଦର୍ପ ଯେ ତୋହୋର । ୨୮ ।
ଆମ୍ଭର ଜାଣନ୍ତେ ତୁ ଯେ ବରିଲୁ ୟେହାକୁ
ବରିଣ ବିଭା ନୋହିଲୁ ତୁ ରେ ୟେ ଅମ୍ବା କନ୍ୟାକୁ । ୨୯ ।
ପାରେଶ୍ୱରେ ବୋଇଲେ ବାବୁ ଶୁଣ ତୁ ରେ ଭୀଷ୍ମ
ତୋତେ କୋପ କରିଣ ଅଛନ୍ତି ପ୍ରଶୁରାମ । ୩୦ ।
ବଡାଇ ଦୁଷ୍ଟ କାଳାନ୍ତକ ୟେ ମହା ବିକ୍ରମ
ଯୁଗାନ୍ତେକ ନାଥ ୟେ ଅଟଇ ଦୁତି ଯମ । ୩୧ ।
ବାବୁ ଜମଦଗ୍ନିଙ୍କର ଯହୁଂ ବିଷାଦ ଦେଖିଲା
ତିନି ଭାଇ ମାତାଙ୍କର ଶିର ଛେଦି ପକାଇଲା । ୩୨ ।
ଅଣଦୟା ପୁରୁଷ ଅଣ ଯେ ଉପ୍ରୋଧୀ
ଅଭୟେ ଅବୟେ ୟେ ତ୍ରୈଲୋକେ ମହାଯୋଧୀ । ୩୩ ।
ୟେହାର କୋପ କଲେ ବାବୁ କେହି ତ ନ ବର୍ତ୍ତି
ୟେକୋଇଶ ବାର ନିକ୍ଷତ୍ରୀ କଲାକ ୟେହୁ ପୃଥୀ । ୩୪ ।
ସତ୍ୟ ଯୁଗ ଭୋଗ କଲା ୟେ କ୍ଷତ୍ରି ବୃତ୍ତ ପଣେ
ଅନେକ ଉପାୟେ ବିଦ୍ୟା ରଞ୍ଜିଲା ୟେ ଆପଣେ ଆପଣେ । ୩୫ ।
ୟେହାଙ୍କର ତୁଲେ ବାବୁ ତୁ ନୋହସି ବିବାଦୀ
କଟାକ୍ଷ ନୟନେ ଚାହିଂଲେ ଯେ ହୋଇବୁ ଶିରଛେଦୀ । ୩୬ ।
ଆମ୍ଭର ଶପତ ବାବୁ ନାସ୍ତି ତୁ ନ କର
ଅମ୍ବେ କନ୍ୟାକୁ ପ୍ରଦାନ ହୋଅ ଆମ୍ଭର ବୋଲ କର । ୩୭ ।
ଭୀଷ୍ମେ ବୋଇଲେ ମୁଂ କେମନ୍ତେ ପ୍ରଦାନ ହୋଇବି
ଭୀରିଯାର ନିମନ୍ତେ କେମନ୍ତେ ମୁଂ ପିତାଙ୍କୁ ନାଶ ଯେ କରିବି । ୩୮ ।
ପାରେଶ୍ୱର ବୋଇଲେ ବାବୁ ତାହାକୁ ପ୍ରଦାନ ହୋଇ
ଶୃଙ୍ଗାର ବଞ୍ଚାଇ ପଛେ ତାକୁ ଅପବାଦ ବାକ୍ୟ ଦେଇ । ୩୯ ।
ଭୀଷ୍ମ ବୋଇଲେ ତୁମ୍ଭେ ଶୁଣ ପିତୃଗଣେ
ମୁହିଂ ଶୁଣିଲି ଯେ ଅଗସ୍ତିଙ୍କର ପୁରାଣେ । ୪୦ ।
-------

୩୪ ।୨  ଯୋକୋଇଶ ବାର·················· ପୃଥୀ ପାଦନ୍ତ ପରେ କେତେକ ପୋଥିରେ 'ୟେହାକୁ ତୋହରରେ କିସ ଅଛି ବୁଦ୍ଧି' ।

ତିରିଶ ଦିବସେ ଅଶୁଦ୍ଧ ହୋଅନ୍ତି କାମ ନାରୀ
ପ୍ରଥମ ଦିନ ଛୁଇଂଲେ ଚାଣ୍ଡାଳ ଛୁଇଂଲା ଦୋଷ ସରି । ୪୧ । ସଂଖ୍ୟା   superstition
ଯେତେ ବସ୍ତ୍ରେ ଛୁଇଂ ତେତେ ବସ୍ତ୍ରେ ସ୍ନାହାନ ଯେ କରି
ସେ ଦିନେ ଉପବାସ କଲେ ସେ ଦିନର ପାପ ହରି । ୪୨ ।
ଦୁତୀୟ ଦିବସେ ଛୁଇଂଲେ ରଜବତୀ ନାରୀ
ପ୍ରତକ୍ଷେ ହୋଅନ୍ତି ବ୍ରହ୍ମହତ୍ୟା ଦୋଷ ସରି । ୪୩ ।
ତୃତୀୟ ଦିବସେ ଯେ ସେ ସ୍ତୀରୀକୁ ଛୁଅନ୍ତି
ପୂଜା ଲିଙ୍ଗ ଭାଙ୍ଗିଲେ ପାଇ ଯେବଣ ଅଗତି । ୪୪ ।
ଚତୁର୍ଥ ଦିବସେ ଯେ ହୋଅନ୍ତି ସ୍ତିରୀଙ୍କର ପାଶ
ଗୋହତ୍ୟା ବ୍ରହ୍ମହତ୍ୟା ମାତୃହରଣ ହିଂ ଦୋଷ । ୪୫ ।
ଶୁଦ୍ଧ ସ୍ନାହାନ କରିବ ପଞ୍ଚମ ଦିବସେ
ସେ ଦିନ ପୁରୁଷ ଯିବ ତାହାଙ୍କର ପାଶେ । ୪୬ ।
ନାନା ଧର୍ମ ଇଛି ପିତୃକାର୍ଯ୍ୟ ଆଦି କରି
ସମସ୍ତ ତେଜ୍ୟା କରି ତାହାରେ ହୋଇବ ବ୍ରତଚାରୀ । ୪୭ ।
ପଞ୍ଚମ ଦିନୁଂ ସପତମ ଦିନ ପରିଯନ୍ତେ
ଯେବଣ ପୁରୁଷ ଉପେକ୍ଷା କରନ୍ତି ନାନା ବ୍ରତ କର୍ମ ଅର୍ଥେ । ୪୮ ।
ସେ ବହିଲା ଶ୍ରୋଣିତ ଆହାର କରନ୍ତି ତାହାର ପିତୃଲୋକେ ।
ୟେସନେକ ଅଛି ଶାହାସ୍ତ୍ର ଧର୍ମ ବାକ୍ୟେ । ୪୯ ।
ଭୀଷ୍ମେ ବୋଇଲେ ବିଭା ହୋଇଣ କେମନ୍ତେ ଶୃଙ୍ଗାର ନ ଇଚ୍ଛିବି
ମୋହୋର ପୁତ୍ର ହୋଇଲେ ତୁମ୍ଭନ୍ତ ନାଶ ଯେ କରିବି । ୫୦ ।
ୟେସନେକ ବଚନ ଯହୁଂ ବୋଇଲେ ଗାଙ୍ଗବେ
ଶୁଣିଣ ତୁଷ୍ଟ ହୋଇଲେ ପାରେଶ୍ୱର ଦେବେ । ୫୧ ।
ପ୍ରଶୁରାମ-କଇ କୋପେ ବୋଇଲେ ଭୀଷ୍ମ ମହାରଥୀ
ଆହୋ ପ୍ରଶୁରାମ ମୋହୋର ତୋତେ କିସ ଭୀତି । ୫୨ ।
-----
୪୪ ।୨  ଶିବଲିଙ୍ଗ ଭାଙ୍ଗିଲେ ପାଇ କେବଣ ଅଗତି
୪୪ ।୨  ଲିଙ୍ଗଭଗ୍ନ ଦୋଷ ଲଭଇ ଯୁଗତି ।

ପଳା ଯା ମିଛେ ୟେଥେଂ ନ ଦେଖା ବଡପଣ
ସହୋଦ୍ରେ କଳଙ୍କ ନ କରାଅସି ଅକାରଣ । ୫୩ ।
ତୁ ମୋହୋର ସହୋଦ୍ର ଅଟୁ ହୋ ଯଥାଅର୍ଥ
ୟେହି ଛାର ପାଇଂ କି-। ମରିବୁ ଦେବ ଭ୍ରାଥ । ୫୪ ।
କିଞ୍ଚିତ ଦୋଷେଣ ହାଦେ ବଡପଣ ନ ନାଶି
ଶ୍ରିକାଳ ଯୁଦ୍ଧେ ସିଂହ ହୁଅଇଟି ଧଂସି । ୫୫ ।
ଭୀଷ୍ମଙ୍କର ମୁଖୁଂ କଟୁ ବଚନ ଯେ ଶୁଣି
କୋପେଣ ଧାଇଂଲା ସେ ବୀର ପର୍ଶୁଧର ପାଣି । ୫୬ ।
ଯହୁଂ କୋପେଣ ଧାଇଂଲେ ସେ ଜମଦଗ୍ନିର ବଳା
ମାଇଲେ ଭୀଷ୍ମଙ୍କୁ ସେ କୋପେଣ ଅନଗଳା । ୫୭ ।
ଭୀଷ୍ମଙ୍କୁ ପ୍ରଶୁରାମ ଯେ ଧଇଲେ ଆକର୍ଷି
ଭୀଷ୍ମଙ୍କୁ ତଳେ ପାଡି ହୃଦେ ମାଡି ବସି । ୫୮ ।
ମୁଣ୍ଡ ମୋଡି ଭୀଷ୍ମଙ୍କର ଲୋଡନ୍ତି ପର୍ଶୁଧର

ଧାତିକାରେ ଲେଉଟାଇଲେ ଗଙ୍ଗାର କୁମର । ୫୯ ।
ପ୍ରଶୁରାମଙ୍କୁ ତଳେ ପାଡି ମାଡି ବସିଲେ ହୃଦଗତେ
ବାମକରେ ଚାପିଣ ପ୍ରହାର କଲେ ମୁଥେ । ୬୦ ।
ଭୀଷ୍ମଙ୍କର ମୁଥ ପଡିଲା ଯେ ବଜ୍ରଘାତ ଜାଣି
ପ୍ରଶୁରାମଙ୍କର ନାସିକା ବାଟେ ବହିଲାକ ଶ୍ରୋଣି । ୬୧ ।
ଦେଖିଣ ଧାଇଂ ପଡିଲେ ଶାୟେଂତନୁ
ଭୀଷ୍ମଙ୍କର ଭୁଜ ଧଇଲେ ଯୁଗମନୁ । ୬୨ ।
ରହ ରହ ବାବୁରେ ଭୀଷ୍ମ ମହାରଥୀ
ସୋଦରେ ସୋଦରେ କି-। ହେଉଛ ନାଶଗତି । ୬୩ ।
ଶାୟେଂତନୁ ପାରେଶ୍ୱର ରୁହାଇଲେ ସାଂଗ୍ରାମ
ଲାଜ ପାଇ ତହୁଂ ଗଲେକ ପ୍ରଶୁରାମ । ୬୪ ।
ଅମ୍ବା କନ୍ୟା ତହୁଂ ପ୍ରାଗ ତୀର୍ଥକଇଂ ଗଲା
ତ୍ରିବେଣୀରେ ସ୍ନାହାନ କରି ସେ ମାଧବ ପୂଜିଲା । ୬୫ ।
--------
୫୩ ।୧  ପଳା ଯା ବେଗେ ନୋହ ବୋଲ ବଡପଣ
୫୩ ।୨  ସୋଦର ବଧ ତୁ ନ କରାଅ ଆପଣ ।
୫୪ ।୨  ଯେ ଛାର କଥାକୁ ଦ୍ୱନ୍ଦ କରିବା ବେନି ଭ୍ରାଥ ।
୫୫ ।୨  ଧଂସି-ଧ୍ୱଂସି

ଭୋ ମାଧବ ମୋତେ ତୁହି ହୋଇଥାଅ ସାକ୍ଷୀ
ଭୀଷ୍ମଙ୍କର ପ୍ରମାଦେ ଯେ ମୁଂ ହୋଇଲି ନିରିମାଖୀ । ୬୬ ।
ଭୀଷ୍ମଙ୍କର ଉପରେ ହତ୍ୟା ହୋଉ ଯେ ମୋହୋର
ମାଧବ ସାକ୍ଷୀ କରି ଝାସିଲା ପ୍ରୟାଗର । ୬୭ ।
ମୁହିଂ ସ୍ତିରୀ ମାତର ନୁହଇ ନା ଯୋଧି
ଜନ୍ମେ ଜନ୍ମେ ଭୀଷ୍ମକଇଂ ମୁହିଂ କରିବଇ ସାଧି । ୬୮ ।
ଯେ ମୋହୋର ରୂପ ଗୁଣ ଲକ୍ଷଣ ଦେଖନ୍ତେ
ଭୀଷ୍ମ ଶହସ୍ର ଛାଡିବ ସଂଗ୍ରାମେ ଯୁଗତେ । ୬୯ । ସଂ
ତ୍ରିଶୂଳୀରେ ପଶି ଯେ ଲଗାଇଲା ବହନି
ଲଗାଇଲା ମାତ୍ରକେ ଯେ ଜଳିଲା ତତକ୍ଷଣି । ୭୦-୭୭୫ ।
***********